ପ୍ରେସ୍ ନୋଟ୍

## ଜିଲ୍ଲା ବିଦ୍ୟୁତ୍ କମିଟି ବୈଠକ ଅନୁଷ୍ଠିତ - ହାତୀ ମାନଂକର ସୁରକ୍ଷା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୭.୮:- ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିଃ ଦ୍ୱାରା ଗତକାଲି ପୂର୍ବାହ୍ନରେ ଜିଲ୍ଲା ବିଦ୍ୟୁତ୍ କମିଟି ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ସାଧାରଣ ଲୋକମାନେ ବିଦ୍ୟୁତ୍ ସେବା କିପରି ସହଜରେ ପାଇପାରିବେ ସେଥିପାଇଁ ଉଦ୍ଧିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ,ସମ୍ବଲପୁର ସାଂସଦଂକ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭା ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ ଓ ପାଲଲହଡା ବିଧାୟକଂକ ପ୍ରତିନିଧି ଶ୍ରୀ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ପାୱାର କଟ୍ ନ କରି ସାଧାରଣ ଲୋକଂକୁ ନିରବଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ସାଂସଦ ଗୁରୁତ୍ୱାରୋପ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀମାନଂକୁ ବିଦ୍ୟୁତ୍ ବିଲ୍ ସଂଗ୍ରହ ନିମନ୍ତେ ଦାୟିତ୍ୱ ଦେବାକୁ ବିଧାୟକମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ବିଦ୍ୟୁତ୍ ଉପଭୋକ୍ତାମାନଂକର ଏକ ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବା ସହ ଯେଉଁଠାରେ ଟ୍ରାନସଫରମରର ଆବଶ୍ୟକତା ରହିଛି ତୁରନ୍ତ ସେଠାରେ ବସାଇବାକୁ ସାଂସଦ ପରାମର୍ଶ ଦେଇଛନ୍ତି । ଜଙ୍ଗଲ ମଧ୍ୟରେ ଯାଇଥିବା ବିଦ୍ୟୁତ୍ ଲାଇନର ସଂସ୍ପର୍ଶରେ ହାତୀମାନେ ଯେପରି ନ ଆସନ୍ତି ସେଥିପାଇଁ ବିଭାଗୀୟ ଯନ୍ତ୍ରୀ ବିଶେଷ ଯନ୍ତ୍ରବାନ ହେବାକୁ ପରାମର୍ଶ ଦିଆଯାଇଛି । ହାତୀମାନଂକର ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ ହେଉଥିବା ୪ର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । ୧୫୨୬ ଏଲ୍ ଟି ଲାଇନ୍ ଖୁଣ୍ଟି ମଧ୍ୟରୁ ୧୨୬୦ ଏଲ୍ ଟି ଲାଇନ୍ ଖୁଣ୍ଟି ବସିଥିବାବେଳେ ୯୧.୪୧ ମିଟର କେବୁଲ୍ ମଧ୍ୟରୁ ୬୭.୪ ମିଟର କେବୁଲ ଟଣା କାମ ସରିଛି । ସେହିପରି ୧୩୯୯ ଇଲେଭେନ୍ କେ.ଭି ଲାଇନ୍ ଖୁଣ୍ଟ ମଧ୍ୟରୁ ୧୩୪୩ ଇଲଭେନ୍ କେ.ଭି ଲାଇନ୍ ଖୁଣ୍ଟ ବସିଛି ଓ ୮୫.୧ ମିଟର କେବୁଲ୍ ମଧ୍ୟରୁ ୫୯.୫ ମିଟର କେବୁଲ୍ ଟଣାଯାଇଛି । ସେହିପରି ଏହି ବୈଠକରେ ସମନ୍ୱିତ ଶକ୍ତି ବିକାଶ ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା, ଦେଶୀ (DESI) ଓ ସୌଭାଗ୍ୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱରେ ୨ୟ ଓ ୩ୟ

ପର୍ଯ୍ୟାୟରେ ହୋଇଥିବା ବିଦ୍ୟୁତ୍ ଲାଇନ୍ ଓ ସବ୍‌ଷ୍ଟେସନ୍ ଗୁଡିକୁ ସ୍ଥାନାନ୍ତରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ମିଶନ ଶକ୍ତି ବିଭାଗ ଦ୍ୱାରା ୮ଟି ବ୍ଲକ୍‌ରେ ୧୯୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଦ୍ୟୁତ୍ ଶୁଳ୍କ ସଂଗ୍ରହ ନିମନ୍ତେ ସ୍ଥିର କରାଯାଇଛି । ପୂର୍ବ ବର୍ଷଠାରୁ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଥିବାରୁ ଏହି ସଂଖ୍ୟାକୁ ୮୧ରେ ସୀମିତ ରଖିବାକୁ ନିର୍ବାହୀ ଯନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ସାହୁ , ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନିହାର ରଂଜନ ପାଣିଗ୍ରାହୀ (ଚାଇଁପାଲ) ଓ ଶ୍ରୀ ସୁବ୍ରତ ସାହୁ (ଅନୁଗୋଳ)ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।